ଧରିତ୍ରୀ
DHARITRI
ବ୍ରହ୍ମପୁର, ସୋମବାର, ୧ ନଭେମ୍ବର, ୨୦୨୧

## ବିଏସ୍‌ଏନ୍‌ଏଲ୍ ସେବା ବ୍ୟାହତ

ଆର.ଉଦୟଗିରି, (ଡି.ଏନ.ଏ.): ମୋହନା ବ୍ଲକ ଅନ୍ତର୍ଗତ ଅଡ଼ବା ଓ ବିରିକୋଟ ଗ୍ରାମରେ ପ୍ରାୟ ୧୦ ଦିନ ହେଲା ବିଏସ୍‌ଏନ୍‌ଏଲ୍ ସେବା ବ୍ୟାହତ ହୋଇଛି। ଫଳରେ ବିଭିନ୍ନ ଅନଲାଇନ କାର୍ଯ୍ୟକ୍ରମ ସହ ଛାତ୍ରୀଛାତ୍ରଙ୍କ ପାଠପଢ଼ା, ସରକାରୀ କାର୍ଯ୍ୟ ମୋବାଇଲ ଫୋନ ମାଧ୍ୟମରେ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡ଼ିଥିବା ଗ୍ରାମବାସୀ କହିଛନ୍ତି। ବ୍ୟାଙ୍କ, ପୋଷ୍ଟ ଅଫିସରେ ମଧ କୌଣସି କାର୍ଯ୍ୟ ସମ୍ପାଦନା ହୋଇପାରୁନାହିଁ। ଆଗକୁ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ବିଭିନ୍ନ ପ୍ରସ୍ତୁତି କାର୍ଯ୍ୟ ନିମନ୍ତେ ହେଉଥିବା ସର୍ଭେ ଆଦି ମଧ ହୋଇପାରୁନି ବୋଲି ଉକ୍ତ କାର୍ଯ୍ୟରେ ନିୟୋଜିତ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀମାନେ କହିଛନ୍ତି। ତୁରନ୍ତ ଏହି ସମସ୍ୟାର ସମାଧାନ ପାଇଁ ଦାବି ହୋଇଛି।



## ସଂକ୍ଷେପରେ

### ଗାଡ଼ି ଧକ୍କାରେ କୃଷ୍ଣସାର ମୃତ



ବୁଗୁଡ଼ା,୩୧।୧୦(ଡି.ଏନ.ଏ.): ବୁଗୁଡ଼ା ବନାଞ୍ଚଳ ଅନ୍ତର୍ଗତ ବାଲିପଦର-ବେଲଗୁଣ୍ଠା ମୁଖ୍ୟ ରାସ୍ତାରେ ରବିବାର ସନ୍ଧ୍ୟାରେ କୌଣସି ଗାଡି ଧକ୍କାରେ ଏକ କୃଷ୍ଣସାର ମୃଗର ମୃତ୍ୟୁ ହୋଇଛି। ଏନେଇ ଖବର ପହଞ୍ଚିବା ପରେ ବନ ବିଭାଗର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚିଛନ୍ତି।

### ୧୦ ଲକ୍ଷ ଟଙ୍କାର ବାଣ ଜବତ, ଜଣେ ଗିରଫ

ଆସିକା,୩୧।୧୦(ଡି.ଏନ.ଏ.): ଆସିକା-ବ୍ରହ୍ମପୁର ୫୯ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ନଳବଣ୍ଟା ଗ୍ରାମରେ ପୋଲିସ ରବିବାର ଅପରାହ୍ନରେ ଚଢ଼ାଉ କରି ବାଣ ପ୍ରସ୍ତୁତି କାରଖାନାରୁ ବହୁ ପରିମାଣର ବାଣ ଓ ବାରୁଦ ଜବତ କରିଛି । ଏସବୁର ମୂଲ୍ୟ ପ୍ରାୟ ୧୦ଲକ୍ଷ ଟଙ୍କା ହେବ ବୋଲି ପୋଲିସ କହିଛି । ଏହି କାରବାରରେ ପୋଲିସ ଉକ୍ତ ଗ୍ରାମର ମାଧବ ବେହେରାଙ୍କୁ ଗିରଫ କରିଛି । ତାଙ୍କ ବିରୋଧରେ ଆସିକା ଥାନାରେ ନଂ.୭୧୮/୨୧ରେ ଏକ ମାମଲା ରୁଜୁ କରାଯାଇଛି । ଏହାପୂର୍ବରୁ ଗତ ୧୮ ଓ ୧୯ ତାରିଖରେ ପୋଲିସ ଆସିକା ଥାନା ଅନ୍ତର୍ଗତ କାଳକଣ୍ଠପୁର, ଖଣ୍ଡଦେଉଳି ଓ ପାଟଲିଗୁଡା ଗ୍ରାମରେ ଚଢ଼ାଉ କରି ୫ ଜଣଙ୍କୁ ଗିରଫ କରିବା ସହ ସେମାନଙ୍କ ଘରୁ ପ୍ରାୟ ୧୦ ଲକ୍ଷ ଟଙ୍କାର ବାଣ ଓ ବାରୁଦ ଜବତ କରିଥିଲା । ସୂଚନାଯୋଗ୍ୟ, ଗଞ୍ଜାମ ଜିଲାରେ ବାଣ ପ୍ରସ୍ତୁତିରେ ନଳବଣ୍ଟା ଗ୍ରାମର ଏକ ସ୍ୱତନ୍ତ୍ର ପରିଚୟ ରହିଛି ।

### ମନ୍ଦିରରୁ ଲୁଟ୍ ଘଟଣା, ଜଣେ ଗିରଫ

କବିସୂର୍ଯ୍ୟନଗର, ୩୧।୧୦(ଡି.ଏନ୍.ଏ.): କବିସୂର୍ଯ୍ୟନଗର ଥାନା ବୁଢ଼ାମ୍ବ ନିକଟ ଛିନ୍ନମସ୍ତା ମନ୍ଦିରରୁ ଗତ ଅଗଷ୍ଟ ୨୫ ତାରିଖରେ ମା'ଙ୍କ ରୁପା ମୁକୁଟ, ଆଖି ଓ ହୁଣ୍ଡି ଭାଙ୍ଗି ଟଙ୍କା ଚୋରି ହୋଇଥିଲା। ଏହି ଘଟଣାରେ କୌଣସି ସୂତ୍ରରୁ ପୋଲିସ ଖବରପାଇ ଚୋରିରେ ସମ୍ପୃକ୍ତ ଥିବା ପୋଲସରା ଥାନା ଢଉମାଳ ଗ୍ରାମର ପ୍ରଫୁଲ୍ଲ ପାତ୍ରଙ୍କୁ ରବିବାର ଗିରଫ କରିଛି। ଚୋରି ହୋଇଥିବା ମା'ଙ୍କ ୨୮୦ ଗ୍ରାମ ଓଜନର ରୁପା ମୁକୁଟ, ୮ଟି ରୁପା ଆଖି ସହିତ ୧୪୪୩ ଟଙ୍କା ଜବତ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା କବିସୂର୍ଯ୍ୟନଗର ଥାନାଧିକାରୀ ପ୍ରଭାତ ସାହୁ ସୂଚନା ଦେଇଛନ୍ତି। ଅନ୍ୟପଟେ ଘଟଣାରେ ସମ୍ପୃକ୍ତ ଆଉ ୪ ଜଣ ଫେରାର ଅଛନ୍ତି। ସୂଚନାଯୋଗ୍ୟ, ଚୋରି ସମ୍ପର୍କରେ ମନ୍ଦିର ଟ୍ରଷ୍ଟ ସଭାପତି ଚନ୍ଦ୍ରଶେଖର ପ୍ରଧାନ ଥାନାରେ ଅଭିଯୋଗ କରିଥିଲେ।

### ଇନ୍ଦିରା ଗାନ୍ଧୀଙ୍କ ଶ୍ରାଦ୍ଧ ଦିବସ

ଛତ୍ରପୁର,୩୧।୧୦(ଡି.ଏନ୍.ଏ.): ଭାରତର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଶ୍ରାଦ୍ଧ ଦିବସ ଛତ୍ରପୁର କଂଗ୍ରେସ ପକ୍ଷରୁ ରବିବାର ପାଳିତ ହୋଇଯାଇଛି। ଏହି ଅବସରରେ ରାଜ୍ୟ ଅନୁସୂଚିତ ଜାତି ସଂଯୋଜକ ଭାଗୀରଥି ବେହେରାଙ୍କ ନେତୃତ୍ୱରେ କଣମଣା ବାତ୍ୟା ଆଶ୍ରୟସ୍ଥଳୀଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଛତ୍ରପୁର ଥାନା ଅଧିକାରୀ ସତ୍ୟ ରଞ୍ଜନ ପ୍ରଧାନ ଯୋଗ ଦେଇ ଶିବିର ଉଦ୍‌ଘାଟନ କରିବା ସହ ଆୟୋଜକମାନଙ୍କୁ ପ୍ରଶଂସା କରିଥିଲେ। ୫୦ ଜଣ ସ୍ୱେଚ୍ଛାସେବୀ ରକ୍ତଦାନ କରିଥିଲେ। ପୂର୍ବତନ ସରପଞ୍ଚ ଟି. କ୍ରିଷ୍ଣା ରେଡ୍ଡୀ, ଗଞ୍ଜାମ ବ୍ଲକ ସଭାପତି ଏନ୍. ଗଣେଶ ରେଡ୍ଡୀ, ଆଇନଜୀବୀ ବାବୁ ନାହାକ ପ୍ରମୁଖ ସହଯୋଗ କରିଥିଲେ।

### ଧରାକୋଟରେ ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ

ଧରାକୋଟ,୩୧।୧୦(ଡି.ଏନ.ଏ.): ଧରାକୋଟ ପଞ୍ଚାୟତରେ ଆସିକା ଏମ୍‌ପି ପ୍ରମିଳା ବିଷୋୟୀ ଓ ପୂର୍ବତନ ସାନଖେମୁଣ୍ଡି ବିଧାୟିକା ନନ୍ଦିନୀ ଦେବୀଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ ହୋଇଯାଇଛି। ଧରାକୋଟରେ କଳାବିକାଶ କେନ୍ଦ୍ର, ପଞ୍ଚାୟତ ପରିସରରେ ବିଜୁ ପାଠାଗାର, ମିନି ଷ୍ଟାଡିୟମ, ହନୁମାନ ଦ୍ୱାର ଗ୍ରାମରେ ବୈଷ୍ଣବ ସମାଜ କୋଠଗୃହ ଓ ଜାନିବିଲି ଗ୍ରାମସ୍ଥିତ ରାଧାକୃଷ୍ଣ ମନ୍ଦିର ପରିସରରେ କଲ୍ୟାଣ ମଣ୍ଡପ, ଟାଟା କଲୋନୀରେ କୋଠଘର ଉଦ୍‌ଘାଟନ କରାଯାଇଛି। ଅଞ୍ଚଳର ବିକାଶ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ଏମ୍‌ପି ଓ ପୂର୍ବତନ ବିଧାୟିକା ସେମାନଙ୍କ ମତ ରଖିଥିଲେ। ଉଦ୍‌ଘାଟନୀରେ ବ୍ଲକ ଅଧକ୍ଷା ରୀନା ଗୌଡ, ଧରାକୋଟ ସରପଞ୍ଚ ଅଞ୍ଜଳି ସ୍ୱାଇଁ, ବିଡିଓ ଡେନିସ ବେହେରା ଉପସ୍ଥିତ ଥିଲେ।

# ବିନା ବାୟୋମେଟ୍ରିକ୍‌ରେ ୧୧୯ ମେଟ୍ରିକ୍ ଟନ୍ ସାର ବିକ୍ରି

■ ଗଞ୍ଜାମରେ ସାର ବିକ୍ରିରେ ଅନିୟମିତତା
■ ତଦନ୍ତ କରି ରିପୋର୍ଟ ଦାଖଲ ନିର୍ଦ୍ଦେଶ

ଛତ୍ରପୁର,୩୧।୧୦(ଡି.ଏନ୍.ଏ)

ଗଞ୍ଜାମ ଜିଲାରେ ସାର ବିକ୍ରିରେ ବ୍ୟାପକ ଅନିୟମିତତା ଚାଲିଛି । ଫଳରେ ପ୍ରତିବର୍ଷ ଚାଷୀଙ୍କୁ ଠିକ୍ ସମୟରେ ସାର ମିଳୁନି । କୃତ୍ରିମ ଅଭାବ ସୃଷ୍ଟି କରାଯାଉଥିବାରୁ ଚାଷୀ ଚଢ଼ା ଦରରେ ସାର କିଣୁଛନ୍ତି। ଏ ନେଇ ବାରମ୍ବାର ଚାଷୀ ସଙ୍ଗଠନ ପକ୍ଷରୁ ଜିଲା ପ୍ରଶାସନଠାରୁ ଆରମ୍ଭ କରି ସମବାୟ ସମିତି ବିଭାଗୀୟ କର୍ତ୍ତୃପକ୍ଷଙ୍କ ପର୍ଯ୍ୟନ୍ତ ଅଭିଯୋଗ ହୋଇ ଆସୁଥିଲେ ମଧ ଠିକ୍ ଭାବେ ଯାଞ୍ଚ ହେଉନାହିଁ। ଜିଲାରେ ବିନା ବାୟୋମେଟ୍ରିକ୍‌ରେ ସାର ବିକ୍ରି କରାଯାଇଥିବା ଘଟଣାରୁ ଅନିୟମିତତା ସ୍ପଷ୍ଟ ହେଉଛି।

କୃଷିପ୍ରଧାନ ଜିଲା ଗଞ୍ଜାମରେ ସାର ଅଭାବ ଯୋଗୁ ଚାଷକାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ସାର ବିକ୍ରିରେ ଡିବିଟି ନିୟମ ଅନୁଯାୟୀ ଯେଉଁ ଚାଷୀମାନେ ସାର କିଣିବେ, ସେମାନଙ୍କ ବାୟୋମେଟ୍ରିକ୍ ସହ ଆଧାର କାର୍ଡ ସଂଯୋଗ ବାଧ୍ୟତାମୂଳକ କରାଯାଇଛି। ତେଣୁ ପିଓଏସ୍ ମେଶିନରେ ବାୟୋମେଟ୍ରିକ୍ ଦେଇ ଚାଷୀ ସାର କିଣିବା ନିୟମ ରହିଛି। ଏହାଦ୍ୱାରା ସାର ବିକ୍ରି ଦୁର୍ନୀତି ପ୍ରତିହତ କରାଯାଇପାରିବ । ହେଲେ ଗଞ୍ଜାମ ଜିଲାରେ ତଥା ସାର ବିକ୍ରି ଦାୟିତ୍ୱରେ ଥିବା ସମବାୟ ସେବା ସମିତିଗୁଡ଼ିକ ଏହି ନିୟମ ଉଲ୍ଲଂଘନ କରି ଚାଲିଛନ୍ତି। ଫଳରେ ଚାଷୀମାନେ କ୍ଷତିଗ୍ରସ୍ତ ହେଉଛନ୍ତି। ଏହା ଉପରେ କେନ୍ଦ୍ର ସରକାରଙ୍କ ଦ୍ୱାରା ସାର ଯୋଗାଣ ପାଇଁ ଅଧିକୃତ ଇଫ୍‌କୋ ସଂସ୍ଥା ପକ୍ଷରୁ ଆପତ୍ତି ଜଣାଇ ଓଡ଼ିଶା ସରକାରଙ୍କ ସମବାୟ ବିଭାଗକୁ ୨୬ ତାରିଖରେ ଚିଠି ଲେଖାଯାଇଥିଲା । ପିଓଏସ୍ ମେଶିନ୍ ଜରିଆରେ ବିନା ବାୟୋମେଟ୍ରିକ୍‌ରେ ଗଞ୍ଜାମ ଜିଲାର ୧୩ଟି ସମବାୟ ସେବା ସମିତିପକ୍ଷରୁସାର ବିକ୍ରିକରାଯାଇଥିବା ଉକ୍ତ ଚିଠିରେ ଉଲ୍ଲେଖ ରହିଛି। ଉକ୍ତ ସମିତିଗୁଡ଼ିକେ ୧୧୯.୬୯୩ ମେଟ୍ରିକ୍ ଟନ୍ ସାର ବିକ୍ରି କରିଥିବା କୁହାଯାଇଛି । ପ୍ରକୃତପକ୍ଷେ ଚାଷୀଙ୍କୁ ଏହି ସାର ବିକ୍ରି କରାଯାଇଛି କି ନାହିଁ ସେ ସମ୍ପର୍କରେ ତଦନ୍ତ ପରେ ଜଣାପଡ଼ିବ । ଏହି ଚିଠିକୁ ନେଇ ଭୁବନେଶ୍ୱରସ୍ଥିତ ରେଜିଷ୍ଟ୍ରାର କୋ-ଅପରେଟିଭ୍ ସୋସାଇଟି ପକ୍ଷରୁ ତଦନ୍ତ ଆରମ୍ଭ କରାଯାଇଛି । ଏହାର ତଦନ୍ତ ରିପୋର୍ଟ ଦାଖଲ କରିବାକୁ ରେଜିଷ୍ଟ୍ରାର କୋ-ଅପରେଟିଭ୍ ସୋସାଇଟି ପକ୍ଷରୁ ଗଞ୍ଜାମ ଜିଲା ଡେପୁଟି ରେଜିଷ୍ଟ୍ରାର କୋ-ଅପରେଟିଭ୍ ସୋସାଇଟି (ଡିଆରସିଏସ) ଓ ସମସ୍ତ ଆସିଷ୍ଟାଣ୍ଟ ରେଜିଷ୍ଟ୍ରାର କୋ-ଅପରେଟିଭ୍ ସୋସାଇଟି (ଏଆରସିଏସ)ଙ୍କୁ ନିର୍ଦ୍ଦେଶନାମା (ଚିଠି ନଂ.-୧୫୩୫୨/୨୬।୧୦।୨୧) ଆସିଛି।

## ବିଜେଡିରେ ମିଶିଲେ ୩୦୦ ଭାଜପା କର୍ମୀ

ପୋଲସରା,୩୧।୧୦(ଡି.ଏନ.ଏ.)

ପୋଲସରା ବ୍ଲକ ଘୋଡାପଲାଣ ପଞ୍ଚାୟତସ୍ଥିତ ବଡ଼ସାହିରେ ରବିବାର ବିଜେଡି ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧକ୍ଷ ଶ୍ରୀକାନ୍ତ ସାହୁଙ୍କ ଉପସ୍ଥିତିରେ ମିଶ୍ରଣ ପର୍ବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ ସରପଞ୍ଚ ସୁଲୋଚନା ଦାସଙ୍କ ନେତୃତ୍ୱରେ ଘୋଡାପଲାଣ ଗ୍ରାମର ୩୦୦ ଭାଜପା କର୍ମୀ ବିଜେଡିରେ ସାମିଲ ହୋଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଦର୍ଶ ଏବଂ ବିଧାୟକ ସାହୁଙ୍କ କାର୍ଯ୍ୟ ଦକ୍ଷତାରେ ଅନୁପ୍ରାଣିତ ହୋଇ ବିଜେଡି ଦଳରେ ସାମିଲ ହେଲେ ବୋଲି ସରପଞ୍ଚ ପ୍ରତିନିଧି ଧ୍ରୁବଚରଣ ଦାସ, ପାବନ ନାୟକ, ପୂର୍ବତନ ସରପଞ୍ଚ ବିଜୟ ପ୍ରଧାନ, ଖଦାଳ ପ୍ରଧାନ, କୁଞ୍ଜବିହାରୀ ଜେନା, ପୁଷ୍ପାଞ୍ଜଳି ଦାସ, ସଙ୍ଗୀତା ଦାସ ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ପୋଲସରା ବ୍ଲକ ଅଧକ୍ଷ ବଳରାମ ସେଠୀ, ଉପାଧକ୍ଷା ସଞ୍ଜୁକ୍ତା ବାଡ଼ତ୍ୟା, ବ୍ଲକ ସଭାପତି ସୁରେନ୍ଦ୍ର ନାଥ ପ୍ରଧାନ, ସମ୍ପାଦକ ଅଶୋକ କୁମାର ବିଷୋୟୀ, ଘନଶ୍ୟାମ ଦାସ, ସନ୍ତୋଷ କୁମାର ବେହେରା, ୪୦ ନଂ ଜୋନ୍ ଜିଲା ପରିଷଦ ପ୍ରତିନିଧି ସଜିତ ବିଷୋୟୀଙ୍କ ସମେତ ବହୁ କର୍ମୀ ଓ ନେତା ଉପସ୍ଥିତ ଥିଲେ।

## ଆରମ୍ଭ ହେଲା ମିଶନ ଜିରୋ ଜିପିଏସ୍




ଜିଲାପାଳ ଉଦ୍‌ବୋଧନ ଦେଉଛନ୍ତି।

ହିଞ୍ଜିଳିକାଟୁ,୩୧।୧୦(ଡ଼ି.ଏନ୍.ଏ)

ହିଞ୍ଜିଳିକାଟୁ ସହରକୁ ସ୍ୱଚ୍ଛ, ସୁନ୍ଦର କରିବା ନିମନ୍ତେ ମ୍ୟୁନିସିପାଲିଟି ପକ୍ଷରୁ ଜିରୋ ଜିପିଏସ୍ (ଗ୍ରାସ, ପ୍ଲାଷ୍ଟିକ ଓ ସଏଲ) କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ରବିବାର ପୌର ପରିଷଦ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଶୁଭାରମ୍ଭ କରିଛନ୍ତି। ରାଜ୍ୟରେ ହିଞ୍ଜିଳିକାଟୁ ବିକାଶର ପ୍ରୟୋଗଶାଳା ହୋଇଛି ବୋଲି କହିଥିଲେ। ମୋ ସ୍ୱାଭିମାନ ସ୍ୱଚ୍ଛ ଗଞ୍ଜାମ କାର୍ଯ୍ୟକ୍ରମ ଅନ୍ତର୍ଗତ ଏହି କାର୍ଯ୍ୟକ୍ରମରେ ସହରର ରାସ୍ତା କଡ଼ରୁ ଅନାବନା ଘାସ ସଫା କରି ସ୍ୱଚ୍ଛ ରଖାଯିବ। ପ୍ଲାଷ୍ଟିକ ସାମଗ୍ରୀ ବ୍ୟବହାର ବନ୍ଦ ନିମନ୍ତେ ବ୍ୟବସାୟୀ ଓ ଲୋକଙ୍କ ସହଯୋଗ ଲୋଡ଼ାଯିବ। ସେହିପରି ଗୃହନିର୍ମାଣ ଅବଶେଷ, ଆବର୍ଜନା ଓ ଅଦରକାରୀ ମାଟି ରାସ୍ତା କଡ଼ରୁ ହଟାଯିବାକୁ ଯୋଜନା କରାଯାଇଛି। ଏଥିପାଇଁ ବ୍ୟାପକ ସଚେତନତା ସୃଷ୍ଟି ନିମନ୍ତେ ଜିଲାପାଳ ଗୁରୁତ୍ୱାରୋପ କରିଛନ୍ତି। ପରେ ମ୍ୟୁନିସିପାଲିଟି ପକ୍ଷରୁ ପ୍ରସ୍ତୁତ ମୋବାଇଲ ଆପ 'ସଫା'ର ବିଭିନ୍ନ କାର୍ଯ୍ୟନେଇ ଭିଡ଼ିଓ ପ୍ରଦର୍ଶିତ ହୋଇଥିଲା। ଏହି ଆପକୁ ଡ଼ାଉନଲୋଡ଼ କରି ସହରବାସୀ ପାର୍କ ଟିକେଟ, ମାର୍କେଟ ଷ୍ଟଲ ଫି, କଲ୍ୟାଣ ମଣ୍ଡପ ବୁକିଂ ଆଦି ଅଫିସ ନ ଆସି କରିପାରିବେ । କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଶରତ ଚନ୍ଦ୍ର ମହାପାତ୍ର, ଜିଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପିଡ଼ି ସଚ୍ଚିଦାନନ୍ଦ ନାୟକ ଓ ବିଡ଼ିଓ ସୁବ୍ରତ କୁମାର ଜେନା ଯୋଗ ଦେଇଥିଲେ।

## ସଫେଇ ହେଲାନି ଅଇଣ୍ଠା ପ୍ଲେଟ୍, ବଢ଼ୁଛି ଅସନ୍ତୋଷ

### ୩ ଦିନ ହେଲା ସରିଲାଣି ମନ୍ତ୍ରୀଙ୍କ କାର୍ଯ୍ୟକ୍ରମ

ଦାରିଙ୍ଗବାଡ଼ି, ୩୧।୧୦(ଡି.ଏନ୍.ଏ)



ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପଡ଼ିଥିବା ଅଇଁଠା ଥାଳି।

ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା ଗତ ଗୁରୁବାର ଓ ଶୁକ୍ରବାର ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମଗୁଡ଼ିକରେ ଦଳୀୟ ନେତା ଓ କର୍ମୀମାନଙ୍କ ନିମନ୍ତେ ଖାଦ୍ୟପେୟ ବ୍ୟବସ୍ଥା ହୋଇଥିଲା। ତେବେ କାର୍ଯ୍ୟକ୍ରମ ସରିବାର ୩ ଦିନ ପରେ ବିଭିନ୍ନ ସ୍ଥାନରେ ପଡ଼ିଥିବା ବହୁ ଅଇଣ୍ଠା ଥାଳି (ଥର୍ମୋକଲ ପ୍ଲେଟ)ଗୁଡ଼ିକୁ ଉଠାଇ ନଷ୍ଟ କରାଯାଇ ନ ଥିବାରୁ ତାହା ଏଣେତେଣେ ପଡ଼ି ଦୁର୍ଗନ୍ଧ ହେଉଛି। ଏପରିକି ଥାଳିଗୁଡ଼ିକ ପବନରେ ଉଡ଼ି ଲୋକଙ୍କ ଘରେ ମଧ ପଶୁଛି। ଏହାକୁ ନେଇ ଅସନ୍ତୋଷ ଦେଖାଦେଇଛି।

ପ୍ରକାଶ ଯେ, ମନ୍ତ୍ରୀ ଗୁରୁବାର ବିଳମ୍ବିତ ରାତିରେ ଦାରିଙ୍ଗବାଡ଼ିରେ ପହଞ୍ଚିବା ପରେ ଶୁକ୍ରବାର ଦାରିଙ୍ଗବାଡ଼ି ଏବଂ ବ୍ରାହ୍ମଣୀଗାଁଠାରେ ଏସ୍‌ଏଚ୍‌ଜିଙ୍କୁ ନେଇ ସମୀକ୍ଷା ବୈଠକ କରିଥିବା ବେଳେ ଅପରାହ୍ନରେ ଦଳୀୟ କର୍ମୀଙ୍କୁ ନେଇ ମିଶ୍ରଣ ପର୍ବର ଆୟୋଜନ କରାଯାଇଥିଲା। ଏହି ଦୁଇଟି କାର୍ଯ୍ୟକ୍ରମରେ ହଜାରେ ମହିଳାଙ୍କ ପାଇଁ ମଧ୍ୟାହ୍ନଭୋଜନ ବ୍ୟବସ୍ଥା ଦାରିଙ୍ଗବାଡି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ କରାଯାଇଥିଲା। ପ୍ରତି ବୈଠକରେ ଯୋଗଦାନ କରିଥିବା ମହିଳାମାନେ ଖାଇବା ପରେ ପଞ୍ଚାୟତ କାର୍ଯ୍ୟାଳୟ ପରିସର ସଫେଇ ନ କରି ଛାଡ଼ି ଦିଆଯାଇଥିବାରୁ ଏବେ ପୂତିଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି। ଗୋଟିଏ ପଟେ ବ୍ଲକ ପ୍ରଶାସନ ସ୍ୱଚ୍ଛ ଭାରତକୁ ନେଇ ବିଭିନ୍ନ କାର୍ଯ୍ୟକ୍ରମ କରୁଥିବା ବେଳେ ସେହି ପ୍ରଶାସନ ପକ୍ଷରୁ କିପରି ଅଇଣ୍ଠା ଥାଳି ଉଠାଗଲାନି, ତାହାକୁ ନେଇ ସାଧାରଣରେ ପ୍ରଶ୍ନ ହେଉଛି । ସେହିପରି ହେଲିପ୍ୟାଡ୍ ପଡ଼ିଆ ଠାରେ ହୋଇଥିବା ଦଳୀୟ କାର୍ଯ୍ୟକ୍ରମକୁ ଆସିଥିବା କର୍ମୀଙ୍କୁ ରନ୍ଧାଖାଦ୍ୟ ଦିଆଯାଇଥିବା ବେଳେ ସେଠାରେ ମଧ କୁଢ଼ କୁଢ଼ ଅଇଣ୍ଠା ଥାଳି ଏଣେତେଣେ ପଡ଼ିଛି। ଫଳରେ ନିକଟରେ ଥିବା ମହାବିଦ୍ୟାଳୟର ଛାତ୍ରୀଛାତ୍ର ସ୍ଥାନୀୟ ଲୋକଙ୍କୁ ଓ ଲୋକ ପ୍ରତିନିଧିମାନଙ୍କୁ ଏଭଳି ଅଳିଆ ଆବର୍ଜନା ନ କରିବାକୁ ପରାମର୍ଶ ଦେଉଥିବା ଭିଡିଓ ଏବେ ଘୂରିବୁଲୁଛି । ଏନେଇ ଓଡ଼ିଶା ମିଶନ ଶକ୍ତିର ବିପିଏମ୍ ପିଣ୍ଟୁ ନାୟକଙ୍କ ସହ ଯୋଗାଯୋଗ କରିବାକୁ ଉଦ୍ୟମ କରାଯାଇଥିଲେ ମଧ ମୋବାଇଲ ସୁଇଚ ଅଫ୍ ଥିବାରୁ ସମ୍ଭବ ହୋଇ ନ ଥିଲା। ବିଡିଓ କଳାକୃଷ୍ଣ ପ୍ରଧାନଙ୍କ ମତ ନିଆଯିବାରୁ ସେ ଏନେଇ ଉକ୍ତ ବିଭାଗର ଅଧିକାରୀଙ୍କୁ ଜଣାଇ ସଫେଇ କରାଯିବାକୁ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

## ଫୁଟବଲ ଟୁର୍ନାମେଣ୍ଟ: କଳାଡ଼ି ଟିମ୍ ଚାମ୍ପିୟନ

ଖଜୁରିପଡ଼ା/ବଲସକୁମ୍ପା, ୩୧।୧୦(ଡି.ଏନ.ଏ.)

ଖଜୁରୀପଡ଼ା ବ୍ଲକ ଅନ୍ତର୍ଗତ ଟିଟ୍ରାପଙ୍ଗା ଗାଁର ଶହୀଦ କନଷ୍ଟେବଳ ଉମାକାନ୍ତ ଜାନିଙ୍କ ସ୍ମୃତିରେ ସ୍ଥାନୀୟ ଭାଗବତ କଳା ଯୁବକ ସଂଘ ଏବଂ ଗ୍ରାମପଞ୍ଚାୟତ ତରଫରୁ ଆୟୋଜିତ ଫୁଟବଲ୍ ଟୁର୍ନାମେଣ୍ଟରେ କଳାଡ଼ି ଟିମ୍ ଚାମ୍ପିୟନ ହୋଇଛି। ଟୁର୍ନାମେଣ୍ଟରେ ଖଜୁରିପଡ଼ା ବ୍ଲକର ୮ଟି ଦଳ ଭାଗ ନେଇଥିଲେ। ରବିବାର କଳାଡି ଏବଂ ଦୃତିମଣ୍ଡି ଫୁଟବଲ୍ ଦଳ ମଧ୍ୟରେ ଫାଇନାଲ ମ୍ୟାଚ ହୋଇଥିଲା। ଏଥିରେ ଦୃତିମଣ୍ଡିକୁ ୩-୦ ଗୋଲରେ ପରାସ୍ତ କରି କଳାଡ଼ି ଟିମ୍ ଚାମ୍ପିୟନ ହୋଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧିକାରୀ ବିପିନ ବିହାରୀ ବେହେରା ଏବଂ ଥାନା ଭାରପ୍ରାପ୍ତ ଅଧିକାରୀ ତ୍ରିପତି ଚୌଧୁରୀ, ଏଏସଆଇ ବିକାଶ କୁମାର ମଲ୍ଲିକ, ଅଧକ୍ଷ ବିରେନ୍ଦ୍ର କୁମାର କହଁର, ନାୟବ ସରପଞ୍ଚ ବ୍ରହ୍ମାନନ୍ଦ ଦିଗାଲ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରକାଶ ମହାନ୍ତି ପ୍ରମୁଖ ଯୋଗଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଉଦୟ ଶଙ୍କର କହଁର, ସୁଶିଲ କହଁର, ଜଗନ୍ନାଥ କହଁର, ନିଖିଳ କହଁର ପ୍ରମୁଖ ରେଫରି ଦାୟିତ୍ୱ ନେଇ ଖେଳ ପରିଚାଳନା କରିଥିବା ବେଳେ ସଂଘର ସଭାପତି ସମ୍ପାଦକ ଏବଂ ସଦସ୍ୟ ବୃନ୍ଦ ସହଯୋଗ କରିଥିଲେ।

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କନିଷ୍ଠ ଶିକ୍ଷକଙ୍କ ଦାବିପତ୍ର



ଶେରଗଡ଼ ବ୍ଲକକୁ ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା କନିଷ୍ଠ ଶିକ୍ଷୟିତ୍ରୀ ଶିକ୍ଷକମାନେ।

ବୁଗୁଡ଼ା/ଶେରଗଡ଼/ଦିଗପହଣ୍ଡି, ୩୧।୧୦(ଡି.ଏନ୍.ଏ.)

ସମଗ୍ର ଶିକ୍ଷା ଅଧୀନରେ ପ୍ରଥମରୁ ଯୁକ୍ତ ଦୁଇ ଶ୍ରେଣୀ ପର୍ଯ୍ୟନ୍ତ ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ବର୍ଗର ଶିକ୍ଷକମାନେ ସମସ୍ତ ପ୍ରକାର ସୁବିଧା ସୁଯୋଗ ପାଉଥିବା ବେଳେ ପ୍ରାଥମିକ ବର୍ଗର କନିଷ୍ଠ ଶିକ୍ଷକମାନଙ୍କୁ ଅବହେଳା କରାଯାଉଥିବା ଅଭିଯୋଗ ହେଉଛି। ଜଣେ ଅଣକୁଶଳୀ ଶ୍ରମିକଙ୍କଠାରୁ ମଧ ଏମାନଙ୍କୁ କମ୍ ପାରିଶ୍ରମିକ ଦିଆଯାଉଛି। ୫ ବର୍ଷ ହେଲା ପ୍ରାଥମିକ ବର୍ଗର କନିଷ୍ଠ ଶିକ୍ଷକମାନେ ଦରମା ବୃଦ୍ଧି ପାଇଁ ଦାବି କରିଆସୁଥିଲେ ହେଁ ସରକାର ଶୁଣୁ ନାହାନ୍ତି। ଏ ନେଇ ଶନିବାର ରାଜ୍ୟ ସଂଘର ଆହ୍ୱାନକ୍ରମେ ବୁଗୁଡ଼ା ବ୍ଲକ କନିଷ୍ଠ ଶିକ୍ଷକ ସଂଘ ସଭାପତି ସାଗର ମଲିକ, ସମ୍ପାଦକ ସୁବୀର ବେହେରା ପ୍ରମୁଖ ଏକ ଦାବିପତ୍ର ସ୍ଥାନୀୟ ବିଡିଓଙ୍କୁ ଦେବା ସହ ବିଇଓଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଛନ୍ତି। ସେହିପରି ଶେରଗଡ଼ ବ୍ଲକରେ କନିଷ୍ଠ ଶିକ୍ଷକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସଂଘ ସଭାପତି ସୂର୍ଯ୍ୟାଂଶୁ ସତ୍ୟପ୍ରଜ୍ଞ ସାହୁଙ୍କ ନେତୃତ୍ୱରେ ବ୍ଲକର ସମସ୍ତ କନିଷ୍ଠ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏହି ସମୟରେ ସଂଘର ସମ୍ପାଦକ ନାରାୟଣ ସେଠୀ, ଯୁଗ୍ମ ସମ୍ପାଦକ ଅନୁରାଧା ଘଡ଼େଇ, କୋଷାଧକ୍ଷ ଅଜିତ୍ କୁମାର ସେଠୀଙ୍କ ସମେତ ସମସ୍ତ କର୍ମକର୍ତ୍ତା ଯୋଗ ଦେଇଥିଲେ। ସେହିପରି ଦିଗପହଣ୍ଡି ବ୍ଲକ କନିଷ୍ଠ ଶିକ୍ଷକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଶିକ୍ଷକ ସଂଘ ସଭାପତି କେଦାରନାଥ ହୋତାଙ୍କ ନେତୃତ୍ୱରେ ସଦସ୍ୟମାନେ ବିଇଓ ବସନ୍ତ କୁମାର ପଣ୍ଡା ଓ ବିଡିଓ ହଳଧର ଶବରଙ୍କ ଜରିଆରେ ଏହି ସ୍ମାରକପତ୍ର ପ୍ରଦାନ କରିଛନ୍ତି।

## ବନ୍ଦ ଘରୁ ନକଲି ବିଦେଶୀ ମଦ, ଗୁଟ୍‌ଖା ଜବତ

### ଓଡିଶା, ଆନ୍ଧ୍ରର ମିଳିତ ଚଢ଼ାଉ

ପାରଳାଖେମୁଣ୍ଡି,୩୧।୧୦(ଡି.ଏନ.ଏ.)



ଆନ୍ଧ୍ର ପୋଲିସ ପକ୍ଷରୁ ଶନିବାର ବିଳମ୍ବିତ ରାତିରେ ବେଆଇନ ଭାବେ ମଦ ପରିବହନ କରୁଥିବା ଗାଡିରୁ ୮୦ ପେଟି ମଦ ଜବତ କରାଯିବା ସହ ୪ ଜଣଙ୍କୁ ଗିରଫ କରାଯାଇଥିଲା। ଗିରଫ ଅଭିଯୁକ୍ତଙ୍କ ସୂଚନା ଅନୁଯାୟୀ ରବିବାର ଆନ୍ଧ୍ରର ଅତିରିକ୍ତ ଅବକାରୀ କମିଶସନର କେ. ଗୋପାଲ ଓ ତାଙ୍କ ଟିମ ପାରଳାଖେମୁଣ୍ଡି ଏମଆରଏଫ ଶୋ ରୁମ ପଛପଟେ ଏକ ପରିତ୍ୟକ୍ତ ଘରେ ଚଢ଼ାଉ କରିଥିଲେ। ଆନ୍ଧ୍ର ପୋଲିସ ଓ ଅବକାରୀ ବିଭାଗ ସ୍ଥାନୀୟ ଅବକାରୀ ଅଧିକାରୀ ବାଳକୃଷ୍ଣ ପରିଡା ଓ ତାଙ୍କ ଟିମ ଏବଂ ପାରଳାଖେମୁଣ୍ଡି ଥାନା ଅଧିକାରୀ ବିବେକାନନ୍ଦ ସ୍ୱାଇଁ ଓ ତାଙ୍କ ଟିମ, ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଉକ୍ତ ଘର ତାଲା ଭାଙ୍ଗି ୫୪ ପେଟି (୪୫୭.୯୨୦ ଲିଟର) ବିଦେଶୀ ମଦ , ୪ ପେଟି ହୋମିଓ ସ୍ପିରିଟ(୨୦.୭୦୦ ଲିଟର), ୩୦ ବସ୍ତା ଗୁଟଖା ଜବତ କରିଛନ୍ତି। ଜବତ ମଦର ମୂଲ୍ୟ ପ୍ରାୟ ୫ଲକ୍ଷ ଟଙ୍କା ହେବ ବୋଲି ପୋଲିସ ସୂଚନା ଦେଇଛି। ତେବେ ଜବତ ସାମଗ୍ରୀ କାହାର, କେଉଁଠାରୁ ଆସିଥିଲା ତାହର ତଦନ୍ତ ଜାରି ରହିଛି । ଏ ନେଇ ପାରଳାଖେମୁଣ୍ଡି ଅବକାରୀ ବିଭାଗ ତରଫରୁ ନଂ.୪୯/୨୧ରେ ମାମଲା ରୁଜୁ ହୋଇଛି।

## ତୁମୁଡ଼ିବନ୍ଧରେ ମିଶ୍ରଣ ପର୍ବ

ତୁମୁଡିବନ୍ଧ,୩୧।୧୦(ଡି.ଏନ.ଏ.)

କନ୍ଧମାଳ ଜିଲା ତୁମୁଡିବନ୍ଧ ବ୍ଲକ ଅଞ୍ଚଳକୁ ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ତଥା କନ୍ଧମାଳ ଜିଲା ପର୍ଯ୍ୟବେକ୍ଷକ ପ୍ରତାପ ଜେନାଙ୍କ ଗସ୍ତ ଅବସରରେ ଗତ ଶନିବାର ତୁମୁଡିବନ୍ଧ ବ୍ଲକ ବିଜୁ ଜନତା ଦଳ ସଭାପତି ପ୍ରମୋଦ କୁମାର ସାହୁଙ୍କ ସଭାପତିତ୍ୱରେ ମହାମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଏଥିରେ ତୁମୁଡିବନ୍ଧ ବ୍ଲକ ବିଭିନ୍ନ ପଞ୍ଚାୟତର ଭାଜପା ଓ କଂଗ୍ରେସ ଦଳର ପ୍ରାୟ ୩ ଶହରୁ ଉର୍ଦ୍ଧ୍ୱ କର୍ମୀ ବିଜେଡିରେ ସାମିଲ ହୋଇଥିଲେ। ଏହି ମହାମିଶ୍ରଣ ପର୍ବରେ ଦଳ ଛାଡ଼ି ଆସିଥିବା କର୍ମୀଙ୍କୁ ମନ୍ତ୍ରୀ ଜେନା ପୁଷ୍ପଗୁଚ୍ଛ ଓ ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ କରିବା ସହିତ ବିଧିବଦ୍ଧ ଭାବେ ସାମିଲ କରିଥିଲେ। କାର୍ଯ୍ୟକ୍ରମରେ ବାଲିଗୁଡା ବିଧାୟକ ଚକ୍ରମଣି କହଁର, ପୂର୍ବତନ ବିଧାୟକ ରାଜୀବ ପାତ୍ର, ଏମ୍‌ପିଙ୍କ ରାଜନୈତିକ ସଚିବ ଦେବେନ୍ଦ୍ର କୁମାର ସାମଲ, ଜିଲା ଯୁବ ବିଜୁ ଜନତା ଦଳ ସଭାପତି ବିଷ୍ଣୁ ଚରଣ କହଁର, ପୂର୍ବତନ ବିଧାୟକ ରାଜୀବ ପାତ୍ର, ଜିଲା ମହିଳା ବିଜୁ ଜନତା ଦଳ ସଭାପତି ପୁନମ କହଁର, ବରିଷ୍ଠ ନେତା କ୍ଳେଶ ପ୍ରଧାନ ପ୍ରମୁଖ କର୍ମକର୍ତ୍ତାଙ୍କ ସହିତ ବରିଷ୍ଠ କର୍ମୀମାନେ ଯୋଗ ଦେଇଥିଲେ।

## ଜଙ୍ଗଲ ନିଆଁ ରୋକିବାକୁ ପିସିସିଏଫ୍‌ଙ୍କ ଗୁରୁତ୍ୱ

ଭଞ୍ଜନଗର/ଆସିକା,୩୧।୧୦(ଡି.ଏନ୍.ଏ)

ରାଜ୍ୟର କେତେକ ପ୍ରମୁଖ ଜଙ୍ଗଲରେ ଗତବର୍ଷ ନିଆଁ ଲାଗିଥିଲା। ଚଳିତବର୍ଷ ଯେପରି ଏହାର ପୁନରାବୃତ୍ତି ନ ହେବ, ସେଥିପାଇଁ ବର୍ତ୍ତମାନଠୁ ପ୍ରସ୍ତୁତି ଆରମ୍ଭ ହେଲାଣି। ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ପିସିସିଏଫ୍) ଶିଶିର କୁମାର ରଥ ଗତ ୩ଦିନ ହେଲା ବ୍ରହ୍ମପୁର ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକଙ୍କ ଅଧୀନରେ ଥିବା ବିଭିନ୍ନ ବନଖଣ୍ଡ ପରିଦର୍ଶନ କରି ଜଙ୍ଗଲପୋଡ଼ିକୁ କିଭଳି ରୋକାଯିବ, ସେ ନେଇ ବିଭାଗୀୟ କର୍ମଚାରୀଙ୍କ ସହ ଆଲୋଚନା କରୁଛନ୍ତି ।

ରବିବାର ପିସିସିଏଫ୍ ଘୁମୁସର ଉତ୍ତର ବନଖଣ୍ଡର ଶାଲୁଆପଲ୍ଲୀ ନର୍ସରୀ ଏବଂ ଦକ୍ଷିଣ ଘୁମୁସର ବନଖଣ୍ଡ ଆସିକା ରେଞ୍ଜର ବିଭିନ୍ନ କାର୍ଯ୍ୟ ବୁଲି ଦେଖିଥିଲେ। ଶାଲୁଆପଲ୍ଲୀଠାରେ ବିଭିନ୍ନ ବନଖଣ୍ଡରୁ ଆସିଥିବା ବନଖଣ୍ଡ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ପିସିସିଏଫ୍

### ଯନ୍ତ୍ରପାତି ସହାୟତାରେ ଚାରାରୋପଣ ଯୋଜନା



ମେଶିନ ସହାୟତାରେ କିଭଳି ଗାତ ଖୋଳାଯାଉଛି ପିସିସିଏଫ୍ ଦେଖୁଛନ୍ତି।

ଆସିକା ବନାଞ୍ଚଳର କଳାସୁତା ନିକଟ ମାଛଖାଇ ଚିହ୍ନିତ ସଂରକ୍ଷିତ ଜଙ୍ଗଲରେ ଲଣ୍ଡାପାହାଡ ବନୀକରଣ ଯୋଜନାରେ ହୋଇଥିବା ଚାରାରୋପଣ ଦେଖିଥିଲେ। ଏଥିସହ ଚାରିମଇଲିସ୍ଥିତ ସହରାଞ୍ଚଳ ବନୀକରଣ ଦେଖିଥିଲେ । ଏହି ସ୍ଥାନରେ ଇକୋ ଟୁରିଜମ କରିବା ଲାଗି ଯୋଜନା ପ୍ରସ୍ତୁତ କରି ପଠାଇବା ନିମନ୍ତେ ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଯେଉଁ ବନଖଣ୍ଡରେ ଗତବର୍ଷ ଅଧିକ ନିଆଁ ଲାଗିଥିଲା, ଉକ୍ତ ବନଖଣ୍ଡଗୁଡ଼ିକରୁ ନିଆଁକୁ କିଭଳି ରୋକାଯିବ ସେ ନେଇ ଆକ୍ସନ ପ୍ଲାନ ମଗାଯାଉଛି। ଏହାପରେ ଜଙ୍ଗଲ ପୋଡ଼ିକୁ ରୋକିବା ପାଇଁ ଚୂଡାନ୍ତ ପଦକ୍ଷେପ ନିଆଯିବ । ପାହାଡ଼ ଉପରକୁ ଯାଇଥିବା ପାଦଚଲା ରାସ୍ତାଗୁଡ଼ିକୁ କାମ୍ପା କିମ୍ବା ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନାରେ ଉନ୍ନତୀକରଣ କରାଯିବ। ନିଆଁ ଲିଭାଇବା ପାଇଁ ଶ୍ରମିକ ନିୟୋଜିତ ହେବେ। ଜଙ୍ଗଲ ସମ୍ପର୍କରେ ସୂଚନା ଦେଉଥିବା ଲୋକ ଏବଂ ଭିଏସ୍‌ଏସ୍‌ଗୁଡ଼ିକୁ ପ୍ରୋତ୍ସାହନ ରାଶି ଦେଇ ଉତ୍ସାହିତ କରିବାକୁ ପଡ଼ିବ। ବିଭାଗୀୟ କର୍ମଚାରୀ ଏବଂ ଗ୍ରାମବାସୀଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରି ପରିସ୍ଥିତିର ମୁକାବିଲା କରିବା ଉପରେ ପିସିସିଏଫ୍ ବୈଠକରେ ଗୁରୁତ୍ୱାରୋପ କରିଛନ୍ତି। ବୈଠକ ପୂର୍ବରୁ ପିସିସିଏଫ୍ ରଥ ଜଙ୍ଗଲ ଓ ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖଙ୍କୁ ବନ ବିଭାଗ ଡାକବଙ୍ଗଳାରେ ଭେଟି ବିଭାଗର ବିଭିନ୍ନ କାର୍ଯ୍ୟ ଉପରେ ଆଲୋଚନା କରିଥିଲେ। ଭଞ୍ଜନଗରରେ ପିସିସିଏଫ୍ ରଥଙ୍କୁ ଧରିତ୍ରୀ ପ୍ରତିନିଧି ଯୋଗାଯୋଗ କରିବାରୁ ସେ କହିଥିଲେ, ଚଳିତବର୍ଷ ନଭେମ୍ବର ପହିଲାରୁ ଜଙ୍ଗଲ ପୋଡ଼ିକୁ ରୋକିବା ପାଇଁ ଆଗୁଆ ପଦକ୍ଷେପ ନିଆଯାଉଛି। ବିଭାଗରେ ଥିବା ଅସ୍ଥାୟୀ ଏବଂ ଠିକା କର୍ମଚାରୀଙ୍କ ଥଇଥାନ ପାଇଁ ସରକାର ପଦକ୍ଷେପ ନେଇଛନ୍ତି। ଉକ୍ତ ପ୍ରକ୍ରିୟା ବର୍ତ୍ତମାନ ଚାଲିଛି। ବନ୍ୟପ୍ରାଣୀ ସୁରକ୍ଷା ପାଇଁ ଜଙ୍ଗଲ ଦେଇ ଯାଇଥିବା ବିଦ୍ୟୁତ୍ ତାରକୁ କେବୁଲ କରାଯିବ। କେତେକ ସ୍ଥାନରେ ମାଟିତଳେ ତାର ନିଆଯିବ । ଶ୍ରମିକ ଅଭାବ ଏବଂ ଖର୍ଚ୍ଚ କାଟକୁ ଲକ୍ଷ୍ୟ ରଖି ଯନ୍ତ୍ରପାତି ସହାୟତାରେ ଚାରାରୋପଣ କରାଯିବା ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି ରଥ କହିଛନ୍ତି। ସମୀକ୍ଷା ବୈଠକରେ ଆରସିସିଏଫ୍ ପ୍ରଶାନ୍ତ କୁମାର ମିଶ୍ର, ଉତ୍ତର ଘୁମୁସର ବନଖଣ୍ଡ ଅଧିକାରୀ ଅଭୟ କୁମାର ଦଳେଇ, ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ଦିଲୀପ କୁମାର ରାଉତ, ବ୍ରହ୍ମପୁର ଡିଏଫ୍‌ଓ ଅମ୍ଲାନ ନାୟକ, ପାରଳାଖେମୁଣ୍ଡି ଡିଏଫ୍‌ଓ ସଂଗ୍ରାମ କେଶରୀ ବେହେରା, ବାଲିଗୁଡ଼ା ଡିଏଫ୍‌ଓ ବିଶ୍ୱରାଜ ପଣ୍ଡା, ଏସିଏଫ୍ ସୁଦର୍ଶନ ବାଦୀ, ଏମ୍. ମୋତିଲାଲ, ଶଙ୍କର୍ଷଣ ବେହେରା, ପ୍ରଭାକର ନାୟକ, କେନ୍ଦ୍ରୀୟ ବନାଞ୍ଚଳ ଅଧିକାରୀ କୁମର ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

